ପାଠ - ୯

ଆସ ମିଶାଣ ଶିଖିବା

ପୋଖରୀରେ ମାଛ ଓ ବେଙ୍ଗଙ୍କର ଲାଗିଲା ଲଢ଼େଇ । କେହି କାହାରିକୁ ଛାଡ଼ିବାକୁ ନାହିଁ । ଯାହାର ସଂଖ୍ୟା ଅଧିକ, ସେମାନେ ପୋଖରୀର ମାଲିକ ହେବେ । ସମସ୍ତେ ସମସ୍ତଙ୍କ ଜିଦ୍‌ରେ ଅଟଳ । ମାଛମାନେ କହିଲେ, ଆମ ସଂଖ୍ୟା ଅଧିକ । ବେଙ୍ଗମାନେ କହିଲେ, ଆମ ସଂଖ୍ୟା ଅଧିକ ।

ଶେଷରେ ସେମାନେ ବୁଢ଼ା କଇଁଛ ପାଖକୁ ଗଲେ । କଇଁଛବୁଢ଼ା ପ୍ରଥମେ ମାଛମାନଙ୍କୁ ଗୋଟି ଗୋଟି କରି ଗଣିଲା । ବଡ଼ ମାଛ ୨୬୩ଟି, ଛୋଟ ମାଛ ୩୨୮ଟି । ବଡ଼ ବେଙ୍ଗ ୨୩୮ଟି, ଛୋଟ ବେଙ୍ଗ ୩୫୪ଟି ।

5GCR1R

କାହାର ସଂଖ୍ୟା ଅଧିକ ହେବ ? ମାଛମାନଙ୍କର ନା ବେଙ୍ଗମାନଙ୍କର ?

ଆସ, ମୋଟ ମାଛ ସଂଖ୍ୟା ବାହାର କରିବା -

```
  ୨୬୩
+ ୩୨୮
```

ପ୍ରଥମେ ଏକକ ଘରୁ ମିଶାଣ ଆରମ୍ଭ କରାଯିବ ।
୩ ଏକ + ୮ ଏକ = ୧୧ ଏକ
୧୧ ଏକ = ୧ ଦଶ ଓ ୧ ଏକ
ମିଶାଣ ଫଳର ଏକକ ସ୍ଥାନରେ ୧ ଲେଖାଯିବ ।

<u>ଦଶକ ଘର ଅଙ୍କମାନଙ୍କର ଯୋଗ</u>

ଏକକ ଘର ଯୋଗଫଳରୁ ଆସିଥିବା ୧ ଦଶ ଏଠି ମିଶିବ ।
୬ ଦଶ + ୨ ଦଶ + ୧ ଦଶ = ୯ ଦଶ
ମିଶାଣ ଫଳରେ ଦଶକ ସ୍ଥାନରେ ୯ ରହିବ ।

	ଶତକ	ଦଶକ	ଏକକ
		(୧)	
	୨	୬	୩
+	୩	୨	୮
	୫	୯	୧

<u>ଶତକ ଘର ଅଙ୍କମାନଙ୍କର ଯୋଗ</u>

୨ ଶହ + ୩ ଶହ = ୫ ଶହ
ମିଶାଣ ଫଳର ଶତକ ସ୍ଥାନରେ ୫ ରହିବ ।

ମୋଟ ହେଲା - ୫ ଶତ + ୯ ଦଶ + ୧ ଏକ

= ୫୦୦ + ୯୦ + ୧

= ୫୯୧

	୨୬୩
+	୩୨୮
ମୋଟ ମାଛ =	୫୯୧

ସେହିପରି, ମୋଟ ବେଙ୍ଗ ସଂଖ୍ୟା ନିର୍ଣ୍ଣୟ କର ।

	୨୩୮
+	୩୫୪

ମୋଟ ବେଙ୍ଗ =

ଏବେ କହ, କେଉଁମାନେ ହେବେ ପୋଖରୀର ମାଲିକ ?

- ବିଦ୍ୟାଳୟ ବଗିଚାରେ ଫୁଲଗଛ ଲଗାଯିବାକୁ ସ୍ଥିର ହେଲା । ପ୍ରଥମ ଶ୍ରେଣୀ ପିଲାମାନେ ୧୭୩ଟି ଫୁଲଗଛ, ଦ୍ୱିତୀୟ ଶ୍ରେଣୀ ପିଲାମାନେ ୧୫୪ଟି ଫୁଲଗଛ ଓ ତୃତୀୟ ଶ୍ରେଣୀ ପିଲାମାନେ ୨୦୯ଟି ଫୁଲଗଛ ଲଗାଇଲେ । ମୋଟ କେତୋଟି ଫୁଲଗଛ ଲଗାଗଲା ?

ପ୍ରଥମ ଶ୍ରେଣୀ ପିଲା ଲଗାଇଥିବା ଗଛ ସଂଖ୍ୟା = ୧୭୩		୧୭୩
ଦ୍ୱିତୀୟ ଶ୍ରେଣୀ ପିଲା ଲଗାଇଥିବା ଗଛ ସଂଖ୍ୟା = ୧୫୪	+	୧୫୪
ତୃତୀୟ ଶ୍ରେଣୀ ପିଲା ଲଗାଇଥିବା ଗଛ ସଂଖ୍ୟା = ୨୦୯	+	୨୦୯

ମୋଟ ଫୁଲଗଛ ସଂଖ୍ୟା = ୧୭୩ + ୧୫୪ + ୨୦୯ = ________

- ଜଣେ କୃଷକ ତାଙ୍କ ବଗିଚାରୁ ଟ୍ରଲିରେ ନଡ଼ିଆ ଘରକୁ ବୁହାଇଲେ । ପ୍ରଥମ ଥର ୩୦୦ଟି, ଦ୍ୱିତୀୟ ଥର ୩୨୫ଟି ଓ ତୃତୀୟ ଥର ୨୮୫ଟି ବୁହାଇଥିଲେ । ମୋଟରେ ତାଙ୍କ ବଗିଚାରୁ କେତେ ନଡ଼ିଆ ଘରକୁ ଆସିଲା ?

ପ୍ରଥମ ଥର ବୁହାହୋଇଥିବା ନଡ଼ିଆ ସଂଖ୍ୟା = ☐

ଦ୍ୱିତୀୟ ଥର ବୁହାହୋଇଥିବା ନଡ଼ିଆ ସଂଖ୍ୟା = ☐

ତୃତୀୟ ଥର ବୁହାହୋଇଥିବା ନଡ଼ିଆ ସଂଖ୍ୟା = ☐

ମୋଟ୍ ନଡ଼ିଆ ସଂଖ୍ୟା = ☐ + ☐ + ☐ = ☐

ଅଭ୍ୟାସ

୧. ଚିତ୍ର ଦେଖି କହ ଓ ଲେଖ ।



୨. ତଳେ ଥିବା ଖାଲି ଘରଗୁଡ଼ିକୁ ପୂରଣ କର।



୩. ତଳକୁ ତଳ, କୋଣକୁ କୋଣ ଥିବା ସଂଖ୍ୟାଗୁଡ଼ିକୁ ଯୋଗ କର। କ'ଣ ପାଇଲ କହ ।

୧୬୭	୧୬୦	୧୬୫
୧୬୨	୧୬୪	୧୬୬
୧୬୩	୧୬୮	୧୬୧

୪. ତଳେ ୫ଟି ଗାଈ ଓ ୫ଟି ବାଛୁରୀ ଚିତ୍ର ଦିଆଯାଇଛି । ସଂଖ୍ୟା ମେଳକ ହେଉଥିବା କେଉଁ ବାଛୁରୀ କେଉଁ ଗାଈ ପାଖକୁ ଯିବ ଗାର ଟାଣି ସୂଚାଅ ।





୫.

୧	୨	୩
୬	୮	୦
୨	୪	୫

ଏହି ଟେବୁଲରେ ଲାଗି ଲାଗି ଥିବା ଯେ କୌଣସି ତିନୋଟି ଘରର ଅଙ୍କକୁ ନେଇ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ । (ଯେତୋଟି ସମ୍ଭବ) । ଯେଉଁ ସଂଖ୍ୟାଗୁଡ଼ିକ ପାଇଲ ସେଥିରୁ ତିନୋଟି ଲେଖାଏଁ ଯୋଗ କର । ଦେଖ, କିଏ ଏହିପରି ବେଶୀ ଯୋଗ କରି ପାରୁଛି ।

୬. **ସମାଧାନ କର ।**

(କ) ପ୍ରଥମ ଝୁଡ଼ିରେ ୨୮୬ଟି ଭେଣ୍ଡି ଓ ଦ୍ୱିତୀୟ ଝୁଡ଼ିରେ ୧୩୭ଟି ଭେଣ୍ଡି ଅଛି । ଏବେ କହ, ଦୁଇଟିଯାକ ଝୁଡ଼ିରେ ମୋଟ କେତେ ଭେଣ୍ଡି ଅଛି ?	୨୮୬ + ୧୩୭ ୪୨୩ ଟି ଭେଣ୍ଡି ଅଛି ।
(ଖ) ଗୁଟୁର ବିଲରେ ୨୧୫ଟି ମକାଗଛ ଓ ୨୨୮ଟି ବାଜରା ଗଛ ଅଛି । ସେହି ବିଲରେ ମୋଟ କେତେ ଗଛ ଅଛି ?	
(ଗ) ଗୋଟିଏ ବିଦ୍ୟାଳୟରେ ୨୩୪ ଜଣ ବାଳକ ଓ ୧୮୫ ଜଣ ବାଳିକା ଅଛନ୍ତି । ତେବେ, ସେ ବିଦ୍ୟାଳୟରେ ମୋଟ କେତେ ପିଲା ଅଛନ୍ତି ?	
(ଘ) ପଡ଼ିଆରେ ୧୨୩ ଟି ଗାଈ, ୩୨୬ଟି ଛେଳି ଓ ୨୭୯ଟି ମଇଁଷି ଚରୁଛନ୍ତି । ତେବେ, ପଡ଼ିଆରେ ମୋଟ କେତେ ପଶୁ ଚରୁଛନ୍ତି ?	

(ଙ) ରାଜୁ ଗୋଟିଏ ଦିନରେ ୨ ୧ ୬ଟି ଇଟା ତିଆରି କଲା ଓ ମଧୁ ୨୮୪ଟି ଇଟା ତିଆରି କଲା । ଦୁଇଜଣ ମିଶି ଗୋଟିଏ ଦିନରେ କେତେ ଇଟା ତିଆରି କଲେ ?	
(ଚ) କବିତା ପାଖରେ ୪ ୨ ୫ ଟଙ୍କା, ମିକି ପାଖରେ ୨ ୩୮ ଟଙ୍କା ଓ ଲୁଟୁ ପାଖରେ ୧ ୪ ୭ ଟଙ୍କା ଅଛି । ଏହି ତିନି ଜଣଙ୍କ ପାଖରେ ମୋଟ କେତେ ଟଙ୍କା ଅଛି ?	
(ଛ)ଗୋଟିଏ ଗ୍ରାମରେ ୨ ୨୮ ଜଣ ପୁରୁଷ, ୨ ୩୭ ଜଣ ସ୍ତ୍ରୀ ଓ ୨ ୫ ୪ ଜଣ ବାଳକ ବାଳିକା ଅଛନ୍ତି । ତେବେ, ସେ ଗ୍ରାମର ଲୋକସଂଖ୍ୟା କେତେ ?	

୭. ଆସ, ଅନୁମାନ କରି ଯୋଗଫଳ କରିବା :

୪୩ ଓ ୨ ୧ କୁ ମିଶାଇଲେ ମିଶାଣ ଫଳ ୫୦ ରୁ ବେଶୀ ହେବ ନା ୫୦ ରୁ କମ୍ ହେବ ?

ଆମେ ଅନୁମାନ କରିବା ସମୟରେ ସଂଖ୍ୟା ଦୁଇଟିର ଏକକ ଘର ଅଙ୍କକୁ ବାଦ୍ ଦେଇ ସଂଖ୍ୟା ଦୁଇଟିକୁ ମିଶାଇଲେ ପାଇବା = ୪୦ + ୨୦ = ୬୦

ଏଣୁ ୪୩ ଓ ୨ ୧ ର ମିଶାଣ ଫଳ ୫୦ରୁ ବେଶୀ ।

ସେହିପରି କହ :-

(କ) ୬୨ + ୩୩ର ଯୋଗଫଳ ୮୦ ରୁ ବେଶୀ ନା ୮୦ ରୁ କମ୍ ହେବ ?

(ଖ) ୫୫ + ୨୪ = ୮୦ ରୁ ବେଶୀ ନା ୮୦ ରୁ କମ୍ ?

୮. ତଳେ ଦିଆ ଯାଇଥିବା ସଂଖ୍ୟା ଦୁଇଟିର ମିଶାଣ ଫଳ ଅନୁମାନ କର ଓ ଡାହାଣ ପାଖରେ ଥିବା ଉତ୍ତର ମଧ୍ୟରୁ ଠିକ୍ ଉତ୍ତରକୁ ଗାର ଦେଇ ଚିହ୍ନିତ କର ।

ସଂଖ୍ୟା ଦୁଇଟି	**ଯୋଗଫଳ**
(କ) ୧୪ + ୨୩	• ୩୦ ରୁ ବେଶୀ
	• ୩୦ ରୁ କମ୍
	• ୩୦ ସହିତ ସମାନ
(ଖ) ୪୯ + ୨୦	• ୭୦ ରୁ ବେଶୀ
	• ୭୦ ରୁ କମ୍
	• ୭୦ ସହିତ ସମାନ
(ଗ) ୩୧ + ୫୧	• ୮୦ ରୁ କମ୍
	• ୮୦ ରୁ ବେଶୀ
	• ୮୦ ସହିତ ସମାନ
(ଘ) ୬୨ + ୨୫	• ୭୦ ରୁ ବେଶୀ
	• ୭୦ ରୁ କମ୍
	• ୭୦ ସହିତ ସମାନ

୯. **ମନେ ମନେ ହିସାବ କର ଓ କହ –**

(କ) ଅର୍ପିତା ୮ଟି ଚକୋଲେଟ ଖାଇଲା । ଅର୍ପିତା ଠାରୁ ଅର୍ଚ୍ଚିତା ୫ଟି ଚକୋଲେଟ ଅଧିକା ଖାଇଲା । ତେବେ ଅର୍ଚ୍ଚିତା କେତୋଟି ଚକୋଲେଟ ଖାଇଲା ?

(ଖ) ରୁନି ୭ଟି ଫୁଲ ତୋଳିଲା । ମୁନି ୯ଟି ଫୁଲ ତୋଳିଲା । ଦୁଇଜଣଙ୍କ ଫୁଲ ନେଇ ଗୋଟିଏ ଫୁଲହାର ତିଆରି କଲେ । ସେହି ହାରରେ କେତୋଟି ଫୁଲ ରହିଲା ?

(ଗ) ରବି ପାଖରେ ୨୨ଟଙ୍କା ଥିଲା । ବାପା ତାକୁ ଆଉ ୧୨ ଟଙ୍କା ଦେଲେ । ତା' ପାଖରେ ମୋଟ କେତେ ଟଙ୍କା ହେଲା ?

(ଘ) ମିତା ଜନ୍ମ ହେବା ବେଳକୁ ଗୀତାର ବୟସ ୪ ବର୍ଷ ହୋଇଥିଲା । ମିତାକୁ ୫ ବର୍ଷ ହେଲା ବେଳକୁ ଗୀତାର ବୟସ କେତେ ହେବ ?

(ଙ) କେଉଁ ସଂଖ୍ୟାରୁ ୧୧ ବିୟୋଗ କଲେ ବିୟୋଗ ଫଳ ୨୨ ହେବ ?

(ଚ) ଦୁଇଟି ସଂଖ୍ୟାର ବିୟୋଗଫଳ ୫ । ସାନ ସଂଖ୍ୟାଟି ୧୫ ହେଲେ, ବଡ଼ ସଂଖ୍ୟାଟି କେତେ ?